# Akashvani, Sambalpur

## SAMBALPURI NEWS BULLETIN

### 11 October 2025 – 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦେଶେ ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନା ଆଉ ଶସ୍ୟ କ୍ଷେତ୍ରଥି ଆତ୍ମନିର୍ଭର୍ ମିଶନ୍ ର୍ ଶୁଭାରମ୍ଭ କର୍‌ବେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଠାନେ ଷ୍ଟେଟ୍ ଅଫ୍ ଦ ଆର୍ଟ ହୋଲ୍‌ସେଲ୍ ମାଛ ବଜାର୍ ଆଉ ହୀରାକୁଦ୍ ଇଂଟିଗ୍ରେଟେଡ୍ ଆକ୍ୱାପାର୍କର ଆଭାସୀ ଜରିଏ ଶିଳାନ୍ୟାସ୍ କର୍‌ବେ । ଇତାର୍‌ସହେତେ କୃଷି, ମାଛ୍ ଚାଷ୍, ପଶୁପାଲନ୍, ଖାଦ୍ୟ ପ୍ରକ୍ରିୟାକରଣ୍ କ୍ଷେତ୍ରଥି ବହୁତ୍‌ଟେ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଦେଶର୍ ଚାଷୀ, କୃଷି ଉତ୍ପାଦକ ସଂଗଠନ୍, ସମବାୟ ସମିତି ଆଉ କୃଷି କ୍ଷେତ୍ର ନ ଉଲ୍ଲେଖନୀୟ ଅବଦାନ୍ ଦେଇଥିବା ସୃଜନଶୀଳ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ୍ କର୍‌ବେ ।

ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ ଯୋଜ୍‌ନା-ରାଜ୍ୟସ୍ତରୀୟ ସମାରୋହ

I&PR

ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ କୃଷି ଯୋଜ୍‌ନାର୍ ଶୁଭାରମ୍ଭର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଆଏଜ୍ ଦିନର୍ ସାଢ଼େ ୯ ବଜେ ଭୁବ୍‌ନେଶ୍ୱର୍ ଓୟୁଏଟି ଠାନେ ଥିବା କୃଷି ଶିକ୍ଷା ସଦନ୍ ଠାନେ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରମୁଖ୍  ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନୂଆଦିଲ୍ଲୀର୍ କାର୍ଯ୍ୟକ୍ରମ୍‌ଥି ଆଭାସୀ ଜରିଏ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଭିଲ୍ ଜୁଡ଼ି ହେବା ।

ରାଜ୍ୟ କେବିନେଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ବଛରେ ରାଏଜେ ୯୩ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଠୋଲ୍ ହେବା । ପଞ୍ଜିକୃତ୍ ଚାଷୀ ଯଦି ଇତାର୍‌ନୁ ଅଏତ୍‌କା ଧାନ୍ ମଣ୍ଡିକେ ଆନ୍‌ବେ ବେଲେ ଭିଲ୍ ରାଜ୍ୟ ସର୍‌କାର୍ ତାକେ ଘିନ୍‌ବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ରାଜ୍ୟ କେବିନେଟ୍‌ର ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇତାର୍ ସହେତେ ୧୦ ଟା ବିଭାଗ୍‌ର ୧୫ ଟା ପ୍ରସ୍ତାବ୍ କେ ଅନୁମୋଦନ୍ କରାଯାଇଛେ । ରାଜ୍ୟ କେବିନେଟ୍ ଖାଦ୍ୟ ଆଉ ଧାନ୍ ସଂଗ୍ରହ ନୀତି-୨୦୨୫-୨୬କେ ଅନୁମୋଦନ୍ କରିଛେ । ଇତାର୍‌ଛଡ଼ା ରାଏଜେ ସହର୍ ଇଲାକା ନ

ବର୍ଜ୍ୟବସ୍ତୁକେ ହଟାବାର୍ ଲାଗି ନୂଆଁ ଯୋଜ୍ନା ସ୍ୱଚ୍ଛ ଓଡ଼ିଶା କାର୍ଯ୍ୟକାରୀ ହେବା । ସର୍କାର୍ ଇ ବାବ୍ଦେ ୫ ବଛ୍ରେ ୧୬ ଶହ କୋଟି ଟଙ୍କା ଖର୍ଚ୍ଚା କର୍ବେ । ଇତାର୍ଛଡ଼ା ରାଏଜେ ନଦୀ ସଂଯୋଗୀକରଣ୍କେ ଆଗ୍କେ ନେବାର୍କେ ଭିଲ୍ କେବିନେଟ୍ଥି ନିଷ୍ପତି ନିଆହେଇଛେ । କେନ୍ଦ୍ର କେବିନେଟ୍ର ନିଷ୍ପତି ବାବ୍ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଗଣମାଧ୍ୟମ୍କେ ସୂଚ୍ନା ଦେଇକରି କହିଛନ୍,

(ଭଏସ୍ ଓଭର୍- ମୁଖ୍ୟ ଶାସନ୍ ସଚିବ)

ଖଣିଜ ପ୍ରତିଷ୍ଠାନ୍ କମିଟି ବୈଠକ୍ I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ଖଣିଜ ପ୍ରତିଷ୍ଠାନ୍ ରାଜ୍ୟସ୍ତରୀୟ କମିଟି ବୈଠକ୍ ଗଲାକାଏଲ୍ ଲୋକ୍ସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ବୈଠକ୍ଥି ଜିଲ୍ଲା ଖଣିଜ ପ୍ରତିଷ୍ଠାନ୍ର କାର୍ଯ୍ୟକାରିତା ଆଉ ଇହାଦେତକ୍ ହେଇଥିବା କାମ୍ର ଅଗ୍ରଗତି ବାବ୍ଦେ ଆଲୋଚନା ହେଇଥିଲା । ବୈଠକ୍ଥି ଉନ୍ନୟନ୍ କମିଶନର୍, ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଆୟୁକ୍ତ ଆଉ ଶାସନ୍ ସଚିବ ମାନେ ଉପସ୍ଥିତ୍ ଥିଲେ ।

ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍        ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ହେଉଛେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ୍ ଦିବସ୍ । ଲିଙ୍ଗଗତ ସମାନତା ଆର୍ ଝିଅମାନ୍କୁ ସମାନ୍ ସୁଯୋଗ୍ ଦେବାର୍କେ ଇ ଦିନ୍ ପାଳନ୍ କରାଯାଏସି । ଝିଅମାନେ ଯେନ୍ତା ଶିକ୍ଷା, ପୋଷଣ, ଶାରୀରିକ୍ ଆର୍ ମାନସିକ କଲ୍ୟାଣ, ଆଇନ୍ଗତ ଅଧିକାର୍ ବାଗିର୍ ସବୁ କ୍ଷେତ୍ର ନ ଭେଦ୍ଭାବ୍ର ଶିକାର୍ ନାଇଁ ହେବେ ସେ ବାବ୍ଦେ ସମାଜ୍କେ ସଚେତନ୍ କର୍ବାର୍ ଇ ଦିନ୍ ପାଳନ୍ର ଉଦ୍ଦେଶ୍ୟ ଆଏ ।

ଜାତୀୟ ଡାକ ସପ୍ତାହ        ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଡାକ୍ ବିଭାଗ୍ ତର୍ଫୁ ଗଲା ମାସ ୬ ତାରିଖ୍ନୁ ମୁଲ୍ ହେଇଥିବା ଜାତୀୟ ଡାକ ସପ୍ତାହ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ଲୋକ୍ମାନ୍କର୍ ଡାକ, ସ୍ଥାନୀୟ ସେବା ଆଉ ବିଶ୍ୱସ୍ତରୀୟ ପହଂଚ ବିଷୟବସ୍ତୁକେ ନେଇକରି ଜାତୀୟ ଡାକ ସେବା ସପ୍ତାହ ପାଳନ୍ କରାଯାଇଥିଲା । ଗଲା ୬ ତାରିଖ୍ନୁ ଡାକ ପ୍ରଯୁକ୍ତି ବିଦ୍ୟା ଦିବସ୍ଥି ବିଭାଗ୍ର ଭିନ୍ ଭିନ୍ ଆଧୁନିକ୍ ଉପକରଣ୍ମାନ୍କୁ ନେଇକରି ଗୁଟେ ପ୍ରଦର୍ଶନୀ ଭିଲ୍ କରାଯାଇଥିଲା ।

ଆଦର୍ଶ ଆଚରଣ ବିଧି       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ତାରିଖ୍ ଘୋଷ୍‌ନା କରାଯିବାର୍ ସହେତେ ଜିଲ୍ଲା ନ ଆଦର୍ଶ ଆଚରଣ ବିଧି ଲାଗୁ ହେଇଛେ । ଇ ସମିଆଥି ନିଜର୍ ଦାୟିତ୍ୱ ଆଉ କର୍ତବ୍ୟ ବାବ୍‌ଦେ ଅବଗତ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧକ୍ଷତାଥି ପୁଲିସ୍ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ୍ ହେଇଯାଇଛେ ।

ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ       I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଠାନୁ ୨୮ ନମ୍ବର୍ ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତା ମୁଲ୍ ହେବା । ଆଏବା ୧୫ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଚାମ୍ପିଅନ୍‌ସିପ୍‌ଥି ୨୨ ଟା ଦେଶ୍‌ନୁ ୫ ଶହ ନୁ ଅଏତ୍‌କା ଖେଲାଲି ଭାଗ୍ ନେବେ । ପୁରୁଷ, ମହିଳା ଟିମ୍ ବର୍ଗଥି ପ୍ରତିଯୋଗିତା ମାନ୍ ହେବା । ଇଥି ଭଲ୍ ପ୍ରଦର୍ଶନ୍ କରିଥିବା ଦଲ୍‌ମାନେ ଆଏବା ଦିନେ ଲଣ୍ଡନ୍ ନ ହେବାର୍‌କେ ବିଶ୍ୱ ଟେବୁଲ୍ ଟେନିସ୍ ଟିମ୍ ଚମ୍ପିଅନ୍‌ସିପ୍‌ଥି ଭାଗ୍ ନେବେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆର୍ ତାର୍ ପାଖର୍ ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ଆଏବା କାଏଲ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ କଲାହାଣ୍ଡି, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ବୌଦ୍ଧ ସହେତେ ରାଜ୍ୟର ୨୧ ଟା ଜିଲ୍ଲାନେ ବିଜ୍ଲି, ଘଡ଼୍ଘଡ଼ି ସଙ୍ଗେ ବର୍ଷା ହେବା ବଲି ବିଭାଗ୍ ତର୍ଫୁ  ସତର୍କ ସୂଚ୍ନା ଜାରି କରାଯାଇଛେ ।